## ସଂକ୍ଷେପରେ

### ଫୁଲବାଣୀ ବିଧାୟକ ପ୍ରାର୍ଥୀ ଜୟଶ୍ରୀ କହଁର



ଫୁଲବାଣୀ, ୩।୪ (ରାକେଶ କୁମାର ରାଉତ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଫୁଲବାଣୀ ବିଧାନସଭା ପ୍ରାର୍ଥୀ ଭାବେ ଜୟଶ୍ରୀ କହଁରଙ୍କ ନାମ ଘୋଷଣା କରିଛନ୍ତି । ଜୟଶ୍ରୀ ଏବେ ୧୩ ନଂ ଜୋନର ଜିଲା ପରିଷଦ ପ୍ରାର୍ଥୀ ଅଛନ୍ତି । ଜୟଶ୍ରୀଙ୍କୁ ଟିକେଟ ମିଳିବା ପରେ ତାଙ୍କ ସମର୍ଥକ ଏବଂ ବିଜେଡି ଦଳୀୟ ନେତାମାନେ ଖୁସି ମନାଇଛନ୍ତି। ଫିରିଙ୍ଗିଆ ବ୍ଲକ ନୂଆପଦର ପଞ୍ଚାୟତ ରବିଙ୍ଗିଆ ଗ୍ରାମର ଜୟଶ୍ରୀ କନ୍ଧମାଳ ବିଜେଡିର ଏକ ପରିଚିତ ନାମ। ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ସେ ଫିରିଙ୍ଗିଆ ବ୍ଲକ ଅଧକ୍ଷା ରହିଥିଲେ। ପୁଣି ୨୦୧୨ରୁ ୨୦୧୭ ଯାଏ ସମିତି ସଭ୍ୟ ଭାବେ କାର୍ଯ୍ୟ ତୁଲାଇଥିଲେ। ଏବେ ସେ ଜିଲା ପରିଷଦ ସଭ୍ୟା ଅଛନ୍ତି। ଏଥି ସହିତ ସେ ମହିଳା ବିଜେଡିର ଫିରିଙ୍ଗିଆ ବ୍ଲକ ସଭାପତି ଭାବେ ମଧ୍ୟ କାର୍ଯ୍ୟ ତୁଲାଉଛନ୍ତି। ଜୟଶ୍ରୀ ଗତ ନିର୍ବାଚନରୁ ଟିକଟ ଦୌଡ଼ରେ ରହିଥିବା ବେଳେ ଚଳିତ ଥର ଟିକଟ ହାତେଇବାରେ ସଫଳ ହୋଇଛନ୍ତି। ସୁଚନାଯୋଗ୍ୟ, ଗତ ୨୦୦୦ ମସିହାରୁ ବିଜେଡି ଫୁଲବାଣୀ ଆସନରୁ କୌଣସି ପ୍ରାର୍ଥୀଙ୍କୁ ଦ୍ୱିତୀୟ ଥର ପ୍ରାର୍ଥୀ କରି ନାହିଁ। ଚଳିତ ଥର ଏହା ରିପିଟ ହୋଇଛି । ପୁଣି ଫିରିଙ୍ଗିଆ ବ୍ଲକରୁ ମଧ୍ୟ ପ୍ରାର୍ଥୀ କରାଯାଇଛି ।

### ଟ୍ରାକ୍ଟର-ଅଟୋ ମୁହାଁମୁହିଁ: ଜଣେ ମୃତ, ୬ ଆହତ

ଦାରିଙ୍ଗବାଡି,୩।୪(ଅରୁଣ ସାହୁ )

ଦାରିଙ୍ଗବାଡ଼ି ଥାନା କୁଏରେଙ୍ଗା ଛକ ନିକଟ ବୁଲାଣିରେ ଟ୍ରାକ୍ଟର ସହ ଅଟୋ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ସୁନ୍ଦରଦଣ୍ଡ ଗ୍ରାମର ନରେନ୍ଦ୍ର ପ୍ରଧାନଙ୍କ ପୁଅ ରାଜୁ ପ୍ରଧାନ। ଆହତଙ୍କ ମଧ୍ୟରେ କୁସିପଙ୍କା ଗ୍ରାମର ନିକିମା ପ୍ରଧାନ, ଚନ୍ଦ୍ରିକା ପ୍ରଧାନ, ସୁମିତ୍ରା ପ୍ରଧାନ, ରୀତିକା ପ୍ରଧାନ ଓ ଟେପାରି ଗ୍ରାମର ନୟମି ପ୍ରଧାନ, ତମିତା ପ୍ରଧାନ। ତେବେ ସେମାନଙ୍କ ମଧ୍ୟରେ ରୀତିକା ପ୍ରଧାନ ଏବଂ ଚନ୍ଦ୍ରିକା ପ୍ରଧାନଙ୍କ ଅବସ୍ଥା ଗୁରୁତର ଥିବା ଯୋଗୁ ଉଭୟଙ୍କୁ ଅଧିକା ଚିକିତ୍ସା ପାଇଁ ଅନ୍ୟତ୍ର ଯିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ପ୍ରକାଶ ଯେ, ଟେପାରୀ ଓ କୁସିପଙ୍କା ଗ୍ରାମର ୮ ଜଣ ମହିଳା ଓ ପୁରୁଷ ଏକ ଅଟୋରେ ଦାରିଙ୍ଗବାଡି ଆସୁଥିବା ବେଳେ କୁଏରାଙ୍ଗା ଛକ ବୁଲାଣିରେ ବିପରୀତ ଦିଗରୁ ଏକ ଟ୍ରାକ୍ଟର ସହ ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାସ୍ଥଳରେ ହିଁ ରାଜୁ ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିବା ବେଳେ ଦାରିଙ୍ଗବାଡି ସବ୍‌ଇନ୍ସପେକ୍ଟର ଜିତେନ୍ଦ୍ର କୁମାର ବେହେରା ସଦଳବଳ ପହଞ୍ଚି ତଦନ୍ତ କରୁଛନ୍ତି। ପୋଲିସ ଟ୍ରାକ୍ଟର ଓ ଅଟୋ ସହିତ ମୃତଦେହ ଜବତ କରିଛି।

### ୨ ବନ୍ଧୁକ ଜବତ, ଜଣେ କୋର୍ଟ ଚାଲାଣ

ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ,୩।୪ (ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ପୋଲିସ ବେଆଇନ ଭାବେ ଦେଶୀ ବନ୍ଧୁକ ରଖିବା ଅଭିଯୋଗରେ ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ମହାଗୁଡ଼ି ଗ୍ରାମର ନିରଞ୍ଜନ କପାଟପାତ୍ର। ତାଙ୍କଠାରୁ ଦୁଇଟି ଦେଶୀ ବନ୍ଧୁକ ଜବତ କରାଯାଇଛି। ଅଭିଯୁକ୍ତ ଜଣଙ୍କ ବେଆଇନ ବନ୍ଧୁକ ରଖୁଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଧରିଥିଲା। ଏ ନେଇ ନଂ.୪୨/୨୪ରେ ମାମଲା ରୁଜୁ କରାଯାଇଛି। ନିରଞ୍ଜନ ନିଜ ଚାଷ ଜମିରେ ବାର୍‌ହା ଫସଲ ନଷ୍ଟ କରିଦେଉଥିବାରୁ ସେ ଦେଶୀ ବନ୍ଧୁକ ବ୍ୟବହାର କରୁଥିବା ପୋଲିସକୁ କହିଥିବା ବେଳେ ସେ କେବେଠାରୁ ଏହି ବନ୍ଧୁକ ବ୍ୟବହାର କରୁଛନ୍ତି ପୋଲିସ ତା'ର ତଦନ୍ତ ଚଳାଇଛି।

# ଆଉଟ୍‌ସୋର୍ସିଂ ସଂସ୍ଥା ଆଗରେ ଅସହାୟ ପ୍ରଶାସନ

ଫୁଲବାଣୀ,୩।୪(ରାକେଶ କୁମାର ରାଉତ)

ଆଉଟସୋର୍ସିଂ ସଂସ୍ଥା ନିଯୁକ୍ତି ଆଳରେ ଏବେ ଗରୀବ, ଅସହାୟ ବେରୋଜଗାରୀଙ୍କୁ ଲୁଟି ଚାଲିଛି। କନ୍ଧମାଳ ଜିଲାରେ ଅନେକ ସମୟରେ ଏଭଳି ସ୍ଥିତି ଉପୁଜିବାରେ ଲାଗିଛି। ଏହାକୁ ନେଇ ବାରମ୍ବାର ଖବର ପ୍ରସାରଣ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରଶାସନକୁ ଅବଗତ କରାଗଲେ ମଧ୍ୟ ପଦକ୍ଷେପ ନିଆ ଯାଉନାହିଁ । ଦେଖିବାକୁ ଗଲେ ଆଉଟସୋର୍ସିଂ ସଂସ୍ଥା ଆଗରେ ପ୍ରଶାସନ ଏବେ ଅସହାୟ ହୋଇପଡ଼ିଛି।

ଗତ ଫେବୃୟାରୀ ୭ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଉଟସୋର୍ସିଂ ଜରିଆରେ ଗ୍ରୁପ-ଡିର ୫୧ଟି ପଦବୀରେ ନିଯୁକ୍ତି ଦେବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ବିଭିନ୍ନ ଏଜେନ୍ସି ଭାଗ ନେଇଥିଲେ । ଲଟେରି ଜରିଆରେ ପ୍ରତ୍ୟୁଷ ନାମକ ଏକ ସଂସ୍ଥା ଟେଣ୍ଡର ପାଇଥିଲା। ଏହି ୫୧ଟି ପଦବୀରେ ପିଅନ, ସୁଇପର, ଚେନମ୍ୟାନ, ନାଇଟ ୱାଚମ୍ୟାନ ଆଦି ପଦବୀ ପୁରଣ ପାଇଁ ନିର୍ଦ୍ଦେଶ ରହିଛି । ସଂସ୍ଥାର ଏଜେଣ୍ଟମାନେ ଏହା ସମ୍ପୂର୍ଣ୍ଣ ସରକାରୀ ଚାକରି କହି ଜିଲାର ବିଭିନ୍ନ ଅଂଚଳରୁ ନିଯୁକ୍ତି ଦେବାକୁ ବେକାର ଯୁବତୀ ଯୁବକଙ୍କ ପାଖରୁ ୭୦ ହଜାରରୁ ୧ ଲକ୍ଷ ଟଙ୍କା ଯାଏ ଆଦାୟ କରିଛନ୍ତି। ଏବେ ସଂସ୍ଥା ସେମାନଙ୍କୁ ଚାକିରି ଦେଉଛି ନାଁ ଧରାଛୁଆଁ ଦେଉଛି। ପୂର୍ବରୁ ଚାକିରୀ କରାଇ ଦେବାକୁ କହି ଆଶାୟୀଙ୍କୁ ଠାରୁ ଲକ୍ଷାଧିକ ଟଂକା ଠକି ନେଇଥିବା ସଂସ୍ଥାର ଏଜେଂଟ ରାକେଶ ମହାନ୍ତିଙ୍କ ନାମରେ ସଦର ଥାନାରେ ନଂ. ୩୧୯/୨୩ରେ ମାମଲା ରୁଜୁ ହୋଇଛି। ପୋଲିସ ଆଜି ଯାଏ ତାଙ୍କୁ ଗିରଫ କରିବାରେ ସଫଳ ହୋଇନାହିଁ ସେ ରାଜ୍ୟ ବାହାରେ ରହୁଥିବା କହୁଛି । ଏତଲାକାରୀ ଥାନାକୁ ବାରମ୍ବାର ଦୌଡି ନିରାଶ ହେଉଛନ୍ତି।

ଗତ ଶନିବାର ଜିଲା ମିଳିତ ମଞ୍ଚ ସଦସ୍ୟ ଓ କିଛି ଯୁବତୀ ଯୁବକ ଜିଲାପାଳଙ୍କ ପାଖରେ ଏ ନେଇ ଅଭିଯୋଗ କରିଥିଲେ। ସେହିପରି ମଙ୍ଗଳବାର ଜିଲାର ବିଭିନ୍ନ ବ୍ଲକରେ ବିଡିଓଙ୍କ ନିକଟରେ ମଧ୍ୟ ଏହି ସଂସ୍ଥା ବିରୋଧରେ କୁଇ ସମାଜ ସମିତି ପକ୍ଷରୁ ଅଭିଯୋଗ କରାଯାଇଛି । ଅପରପକ୍ଷେ ଟଂକା ଆକାଉଂଟ ଜରିଆରେ ନିଆ ଯାଉଥିବା ସମସ୍ତ ପ୍ରମାଣ ରହିଛି । ଏହାର ତଦନ୍ତ କରାଯାଇ ଉକ୍ତ ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି । ତାହା ନ ହେଲେ ଆଗାମି ଦିନରେ ଆନ୍ଦୋଳ କରାଯିବ ବୋଲି ମିଳିତ ମଂଚର ସଭାପତି ସମିର ଘୋଟାଲ, ଉପଦେଷ୍ଟା ତଥା ଆଦିବାସୀ ନେତା ଲମ୍ବୋଦର କହଁର କହିଛନ୍ତି। ଏ ନେଇ ଆଉଟସୋର୍ସିଂ ଏଜେନ୍ସିର ଏଜେଣ୍ଟ/ମ୍ୟାନେଜର ନୟାଗଡ ଓଡଗାଁ ଜଗନ୍ନାଥ ପ୍ରସାଦର ଲିଙ୍ଗରାଜ ସାହୁଙ୍କୁ ଯୋଗଯୋଗ କରିବାରୁ ଆମେ କିଛି ଆଦାୟ କରୁନାହୁଁ ବୋଲି କହିଛନ୍ତି।

# ପାରଳାଖେମୁଣ୍ଡିରୁ ରୂପେଶ, ମୋହନାରୁ ଅନ୍ତର୍ଯ୍ୟାମୀ

ପାରଳାଖେମୁଣ୍ଡି, ୩।୪(ଗିରିଧାରୀ ପରିଛା):



ରୂପେଶ ପାଣଗ୍ରାହୀ



ଅନ୍ତର୍ଯାମୀ ଗମାଙ୍ଗ

ବିଜେଡିର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ହୋଇଛି। ମୁଖ୍ୟତଃ ଗଜପତି ଜିଲାର ଦୁଇଟି ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀଙ୍କୁ ନେଇ ବହୁ କଳ୍ପନାକଳ୍ପନା ଲାଗିରହିଥିଲା, ଯାହାର ଅନ୍ତ ଘଟିଛି। ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ପାଇଁ ହାଇଟେକ ଗ୍ରୁପର ନିର୍ଦ୍ଦେଶକ ରୂପେଶ ପଣଗ୍ରାହୀଙ୍କୁ ମିଳିଥିବା ବେଳେ ମୋହନା ନିର୍ବାଚନ ମଣ୍ଡଳୀ ପାଇଁ ଅନ୍ତର୍ଯାମୀ ଗମାଙ୍ଗଙ୍କ ନାମ ସ୍ଥାନ ପାଇଛି। ଫଳରେ ନେତା ଓ କର୍ମୀଙ୍କ ମାହୋଲରେ ଖୁସିର ଲହରି ଖେଳିଯାଇଛି। ଟିକେଟ ପାଇବା ପରେ ଉଭୟ ଅନ୍ତର୍ଯ୍ୟାମୀ ଓ ରୂପେଶ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ ଓ ୫-ଟି ସଚିବ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# କଂଗ୍ରେସର ପରିବର୍ତ୍ତନ ସମାବେଶ



ସମାବେଶରେ ଯୋଗଦେଇଥିବା ବିଧାୟକ ପ୍ରାର୍ଥୀ ବିଜୟ ପଟ୍ଟନାୟକ ଓ ଅନ୍ୟ ନେତୃବୃନ୍ଦ।

ପାରଳାଖେମୁଣ୍ଡି, ୩।୪ (ଗିରିଧାରୀ ପରିଛା):

ଗଜପତି ଜିଲା ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରାର୍ଥି ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକଙ୍କ ଅଧକ୍ଷତାରେ ବୁଧବାର ପରିବର୍ତ୍ତନ ସମାବେଶ ଆୟୋଜିତ ହୋଇଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଫଳତା ଲୋକଙ୍କ ସାମ୍ନାରେ ଉପସ୍ଥାପନ କରି ଆସନ୍ତା ନିର୍ବାଚନରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରୟାସ ଆରମ୍ଭ କରିଛି କଂଗ୍ରେସ। ହଜାର ହଜାର କର୍ମୀ ଓ ନେତା ଏକ ବିଶାଳ ସମାବେଶରେ କଂଗ୍ରେସ କାର୍ଯ୍ୟାଳୟଠାରୁ ବାହାରି ସହର ପରିକ୍ରମା କରି ବୃନ୍ଦାବନ ପାଲେସ ନିକଟରେ ସାଧାରଣ ସଭାର ଆୟୋଜନ କରିଥିଲା। ଏହି ସାଧାରଣ ସଭାରେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ଗୋସାଣି, ଗୁମ୍ମା, କାଶୀନଗର ବ୍ଲକର ବହୁ କର୍ମୀ ଉପସ୍ଥିତ ଥିଲେ। ସେହିପରି ମୋହନା ନିର୍ବାଚନ ମଣ୍ଡଳୀର ସ୍ଥାନୀୟ ବିଧାୟକ ବିଧାୟକ ପ୍ରାର୍ଥୀ ଦାସରଥୀ ଗମାଙ୍ଗ ତଥା କଂଗ୍ରେସ ଜିଲା ସଭାପତିଙ୍କ ମଣ୍ଡଳୀରୁ ହଜାର ହଜାର ଲୋକ ଉପସ୍ଥିତ ଥିଲେ। ଏହି ଅବସରରେ ଭାଜପା ଓ ବଜେଡିରୁ ବହୁ ସରପଞ୍ଚ ଓ ନେତା କଂଗ୍ରେସରେ ଯୋଗ ଦେଇଥିଲେ। ଏହି ସମାବେଶରେ ପୂର୍ବତନ ମନ୍ତ୍ରୀ ହଳଧର କାର୍ଜି, ମୋହନ ବିଧାୟକ ଦାସରଥି ଗମାଙ୍ଗ, ପୂର୍ବତନ ବିଧାୟକ ତ୍ରିନାଥ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏଣିକି ଓଡ଼ିଶାରେ ପରିବର୍ତ୍ତନର ସମୟ ଆସିଛି। ଓଡ଼ିଶା ଲୋକେ ବିକଳ୍ପ ସରକାର ଚାହୁଁଛନ୍ତି। ତେଣୁ ଲୋକଙ୍କ ପାଇଁ କଂଗ୍ରେସ କେବଳ ବିକଳ୍ପ ରହିବ ବୋଲି ସଭାରେ ମତପ୍ରକାଶ ପାଇଛି।

### ୧୧ କୁଇଣ୍ଟାଲ ୨୫ କିଲୋ ଗଞ୍ଜେଇ ଜବତ

ଫିରିଙ୍ଗିଆ,୩।୪(ବିକ୍ରମ ଦିଗାଲ)

ଫିରିଙ୍ଗିଆ ଥାନା ପୋଲିସ ଯାଜେସପଙ୍ଗା ପଞ୍ଚାୟତ ଅନ୍ତର୍ଗତ ଲଦଡ଼ି ଗାଁରୁ ବୁଧବାର ୧୧ କୁଇଣ୍ଟାଲ ୨୫ କିଲୋ ଗଞ୍ଜେଇ ଜବତ କରିଛି। ହେଲେ ଗଞ୍ଜେଇ ମାଫିଆ ଫେରାର ହୋଇଯାଇଛନ୍ତି। ଦୀର୍ଘ ୩ ମାସ ଧରି ଗଞ୍ଜେଇ କଟା ଅଭିଯାନ ଚାଲିଥିବା ବେଳେ ଶହ ଶହ ଏକର ବେଆଇନ ଗଞ୍ଜେଇ ଗଛ କଟା ଯାଇ ନଷ୍ଟ କରାଯାଇଥିବା ପୋଲିସ କହିଛି। ହେଲେ ଏତେ ପରିମାଣର ଗଞ୍ଜେଇ ଆସିଲା କେଉଁଠୁ ବୋଲି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ରାସ୍ତା ମରଣଯନ୍ତା



ନୂଆଗଡ,୩।୪(ଯୋଗ୍ୟବନ୍ତ ପରିଛା)

ନୂଆଗଡ ବ୍ଲକ ଅନ୍ତର୍ଗତ ଖ ଝାଲରସିଂ ପଞ୍ଚାୟତର ଝାଲରସିଂ ଗ୍ରାମଠାରୁ ରୁମ୍ବାଉଲ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ନୂଆଗଡ ବ୍ଲକ ଖଜୁରୀପଦା ଛକ ଠାରୁ ଗୁମ୍ମା ବ୍ଲକ ସେରଙ୍ଗ ପର୍ଯ୍ୟନ୍ତ ଲାଗି ରହିଛି। ଏହି ରାସ୍ତାରେ ଦୈନିକ ହଜାର ହଜାର ଗାଡ଼ି ମୋଟର ଯାତାୟତ କରୁଥିବାରୁ ଆଗାମୀ ଦିନରେ ଛୋଟବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ନପାରେ। ଏହି ରାସ୍ତାରେ ବହୁ ସରକାରୀ କର୍ମଚାରୀ ମଧ୍ୟ ଯାତାୟତ କରନ୍ତି। ହେଲେ ରାସ୍ତା ଉପରେ କାହାରି ଦୃଷ୍ଟି ପଡୁନାହିଁ। ୫ବର୍ଷ ତଳେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନୂଆଗଡ ବ୍ଲକର ଝାଲରସିଂଠାରୁ ରୁମ୍ବାଉଲ ବା ନୂଆଗଡ ବ୍ଲକ ସୀମା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇଥିଲା। ମାତ୍ର ରାସ୍ତା କାମ ନିମ୍ନମାନର ହୋଇଥିବାରୁ ଖୁବଶୀଘ୍ର ଖରାପ ହୋଇପଡ଼ିଛି। ଏହି ରାସ୍ତା ଖୁବଶୀଘ୍ର ମରାମତି ନ କଲେ ଖ ଝାଲରସିଂ ପଞ୍ଚାୟତର ଜନଜାତି ବ୍ଲକରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ପରଳ ଚକ୍ଷୁ ପରୀକ୍ଷା ଶିବିର

ଆର.ଉଦୟଗିରି, ୩।୪ (ମନୋଜ କୁମାର ପାଢୀ): ଗଜପତି ଜିଲା ଆର.ଉଦୟଗିରି ଗ୍ରାମ ପଞ୍ଚାୟତ ନିକଟସ୍ଥ କଲ୍ୟାଣ ମଣ୍ଡପଠାରେ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଖୋଲ ହିଞ୍ଜିଳିକାଟୁର ମିଳିତ ଆନୁକୂଲ୍ୟରେ ଏକ ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଡିଓ ଲରିମାନ ଖର୍ସେଲ ମୁଖ୍ୟ ଅତିଥି ଓ ଶିଳ୍ପପତି ଶିବରାମ ପତ୍ରା ବଣିକସଂଘ ଉପସଭାପତି ଗିରିଜା ଶଙ୍କର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିବିରରେ 'ବିପଦର ବନ୍ଧୁ' ଶାଖାର ସଦସ୍ୟ ଆଲୋକ କୁମାର ଦଳାଇ, କୃଷ୍ଣଚନ୍ଦ୍ର ମିଶ୍ର, ବନ୍ଦନ କୁମାର ପାଇକ, ବଳରାମ କାର୍ଜୀ, ନିରଞ୍ଜନ ବେହେରା, ପପୁ ମାଳଦଣ୍ଡସେନା, ସନ୍ତୋଷ କୁମାର ଦଳାଇ, ରାଜକୁମାର କାର୍ଜୀ ଓ ବିପଦର ବନ୍ଧୁ ଅଡବା (ଶାଖା)ର ସନ୍ତୋଷ କୁମାର ସାହୁ, ଜଗନ୍ନାଥ କୁମାର ଏବଂ ଆର.ଉଦୟଗିରି ସମସ୍ତ ଗ୍ରାମବାସୀ, ସାମାଜିକର୍ମୀମାନେ ସହଯୋଗ କରିଥିଲେ। ଏଥିରେ ସମସ୍ତ ପ୍ରକାର ଚକ୍ଷୁର ପରୀକ୍ଷା ନିଃଶୁଳ୍କ କରାଯାଇଥିଲା। ମୋଟ ୧୧୯ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ମୋଟ ୩୦ ଜଣଙ୍କୁ ଚଷମା ଦିଆଯାଇଥିଲା। ମୋଟ ୫୫ ଜଣଙ୍କୁ ପରଳ ବା ମୋତିଆବିନ୍ଦୁ ଚିହ୍ନଟ କରାଗଲା ଓ ୩୫ ଜଣଙ୍କୁ ଅସ୍ତ୍ରୋପଚାର କରିବା ପାଇଁ ପଠାଯାଇଥିଲା। ୯ ଜଣଙ୍କ ରେଟିନା ଚେକ ଅପ କରଗଲା। ଶଙ୍କର ଚକ୍ଷୁ ଚିକିତ୍ସାଳୟର କର୍ମଚାରୀ ନଳିନୀକାନ୍ତ ରାଉତ (କ୍ୟାମ୍ପ ମ୍ୟାନେଜର), ସାଗର ମହାନ୍ତି (ଟିମ ଅପଟୋମେଟ୍ରିଷ୍ଟ), ମିସ ମେଶ୍ଲୋନି ଶବର, ମିସ ମିନି ମାଝୀ (ଚକ୍ଷୁ ଟେକ୍ନିସିଆନ) ଓ ଇପିଲି ସାକିଲି, ସମୀର କୁମାର ଶିବିରକୁ ପରିଚାଳନା କରିଥିଲେ।

# ହ୍ୟାଣ୍ଡବଲ ଟିମ୍‌ର ବିହାର ଯାତ୍ରା

ବ୍ରହ୍ମପୁର,୩।୪(ତନୁଶ୍ରୀ ନାହାକ)

ଆସନ୍ତା ୬ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ବିହାର ଦରଭଙ୍ଗାସ୍ଥିତ ଏଲଏମଏନ ବିଶ୍ୱବିଦ୍ୟାଳୟଠାରେ ପୂର୍ବାଞ୍ଚଳ ଜୋନସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ବୁଧବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୨ ଜଣିଆ ଟିମ ବିହାର ଅଭିମୁଖେ ଯାତ୍ରା କରିଛନ୍ତି। ପ୍ରତିଯୋଗୀଙ୍କ ସହ ଟିମରେ କୋଚ ଭାବେ ରଜତ କୁମାର ପାତ୍ର ଓ ଟିମ ମ୍ୟାନେଜର ତଥା ପିଆରଓ ଭାବେ ସୁଧାଂଶୁ ଅଗସ୍ତି ଯାତ୍ରା କରିଛନ୍ତି। ପ୍ରତିଯୋଗୀମାନଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ, କ୍ରୀଡ଼ା ପରିଷଦ ସମ୍ପାଦକ ଡ଼.ଗଣେଶ ସେଠୀଙ୍କ ସମତେ ବିଶ୍ୱବିଦ୍ୟାଳୟ କ୍ରୀଡ଼ାପରିଷଦ ପକ୍ଷରୁ କ୍ରୀଡ଼ା ଅଧିକାରୀ ଓ କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି।

# ଅବସରପ୍ରାପ୍ତ ଶିକ୍ଷକ, ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



ଚାନ୍ଦିପୁଟ,୩।୪(କେ. ପ୍ରମୋଦ କୁମାର ଦୋରା)

ଗଜପତି ଜିଲା ଚାନ୍ଦିପୁଟ ଲାଲ ବାହାଦୁର ଶାସ୍ତ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଅବସରପ୍ରାପ୍ତ ଶିକ୍ଷକ ଓ ପୁରାତନ ଛାତ୍ରମାନଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୯୭୯ ଠାରୁ ୨୦୨୪ ମଧ୍ୟରେ ଥିବା ଶିକ୍ଷକ ଏବଂ ଛାତ୍ରମାନେ ଏକାଠି ହୋଇଥିଲେ। ଅତିବାହିତ ହୋଇଯାଇଥିବା ସମୟକୁ ସମସ୍ତେ ମନେ ପକାଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ମଦନ ମୋହନ ପଟ୍ଟନାୟକ, ବିପ୍ର ଚରଣ ଚୌଧୁରୀ, ଦେବଦାସ ତାମରାପୁ, ନିରଞ୍ଜନ ପାଣିଗ୍ରାହି, ନିରଞ୍ଜନ ଷଡ଼ଙ୍ଗୀ, ପୀତବାସ ମୁନି, ନରସିଂହ ବେହେରା, ବିଶ୍ୱନାଥ ପ୍ରଧାନ, ଟୁକୁନା ପ୍ରଧାନ, ଦାମୋଦର ଗୋପାଳ ଗୋତ୍ରା, ରଘୁନାଥ ଷଡ଼ଙ୍ଗୀ, ବୃନ୍ଦାବନ ଗୌଡ଼, ତବତିଆ ବେହେରା, ସୋମନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସୌମ୍ୟରଞ୍ଜନ ଦାଶ, ବାଳକୃଷ୍ଣ ବାଘସିଂହ ଏବଂ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଜିଲାପାଳଙ୍କ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

ଫୁଲବାଣୀ, ୩।୪(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ୍ ବୁଧବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନ ପାଇଁ ଜିଲାର ନିର୍ବାଚନ ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର୍, ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ନିର୍ବାଚନ ସହ ଜଡ଼ିତ ବିଭାଗୀୟ ଅଧିକାରୀମାନଙ୍କ ସହିତ କ୍ଲଷ୍ଟର ବୁଥ୍- ରୁଟ୍ ଚାର୍ଟ, ମତଦାନ କେନ୍ଦ୍ରରେ ବିଦ୍ୟୁତୀକରଣ ସହିତ ୱେବ୍‌କ୍ୟାମ୍ ଏବଂ ଫ୍ୟାନ୍ ପାଇଁ ପ୍ଲଗ୍ ପଏଣ୍ଟ, ମତଦାନ ଦିନ ପୋଲିଂ ପାର୍ଟି ପାଇଁ ଖାଦ୍ୟ ବ୍ୟବସ୍ଥା ପାଇଁ ପାଚିକାମାନଙ୍କୁ ଚିହ୍ନଟ, ବିଏଲ୍‌ଓ ଆପ୍‌ରେ ସର୍ବନିମ୍ନ ସୁବିଧା ସୁନିଶ୍ଚିତ କରିବା, ଗୃହରେ ମତଦାନ ପାଇଁ ୮୫ରୁ ଅଧିକ ବୟସର ଏବଂ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ଯୋଗ୍ୟ ଭୋଟରମାନଙ୍କର ଚିହ୍ନଟ, ସେକ୍ଟର ଅଫିସର୍ ମ୍ୟାପ୍, ରନର୍/ସହାୟକ , ନେଟ୍ ସ୍ୟାଡୋ ଅଞ୍ଚଳ, ପିଇବା ପାଣି, ଫର୍ଣ୍ଣିଚର୍, ର୍ୟାମ୍ପ, ସାଇନେଜ୍, ପୋଲିଂ ବୁଥ୍ ଗୁଡ଼ିକରେ ଟଏଲେଟ୍ ବ୍ୟବସ୍ଥା, ସଖୀ ବୁଥ୍ ଓ ତହିଁରେ ଲଜିଷ୍ଟିକ୍ ବ୍ୟବସ୍ଥା, ପୁରୁଷ ରିଜର୍ଭ ପୋଲିଂ କର୍ମଚାରୀ ବିଶ୍ରାମ ଗୃହ ଓ ତହିଁରେ ଲଜିଷ୍ଟିକ୍ ବ୍ୟବସ୍ଥା, ନିଯୁକ୍ତ ହୋଇଥିବା ପୋଲିସ ଓ ସେମାନଙ୍କ ପାଇଁ ଲଜିଷ୍ଟିକ୍ ବ୍ୟବସ୍ଥା, ଭିନ୍ନକ୍ଷମ ବୁଥ୍ ଏବଂ ସେମାନଙ୍କ ପାଇଁ ସାଇନେଜ୍, ହୁଇଲ୍ ଚେୟାର, ଇଭିଏମ୍ ପ୍ରଦର୍ଶନ, ଭୋଟର ସଚେତନତା କାର୍ଯ୍ୟକ୍ରମ, ମୁ ବି ମିତା, ଚୁନାବ୍ ପାଠଶାଳା, ବୁଥ୍ ଆୱାର୍‌ନେସ୍ ଗ୍ରୁପ୍, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନୀୟ ଭାଷାରେ ବ୍ୟାନର୍, ପୋଷ୍ଟର ଆଦି ଉପରେ ଆଲୋଚନା କରିଥିଲେ। ସେହିପରି ସିଆର୍‌ପିସି ଧାରା ଅଧିନରେ ଅଭ୍ୟାସଗତ ଅପରାଧିମାନଙ୍କ ଦ୍ୱାରା ଦିଆଯାଉଥିବା ଲିଖିତ ପ୍ରତିଶ୍ରୁତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଉକ୍ତ ସମୀକ୍ଷା ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ, ଅତିରିକ୍ତ ଜିଲାପାଳ(ନିର୍ବାଚନ) ରମେଶ ଚନ୍ଦ୍ର ଜେନା, ଉପ ଜିଲାପାଳ ଚିତ୍ତରଂନ ମହନ୍ତଙ୍କ ସମେତ ଜିଲା ଶିକ୍ଷା ଅଧିକାରୀ, ସହକାରୀ ଜିଲାପାଳଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବଢୁଛି ତାତି, ଖୋଲିଲା ଜଳଛତ୍ର




ରାଇକିଆ,୩।୪ (ପ୍ରଦୀପ ବେହେରା)

ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବୁଧବାର ରାଇକିଆ ପଞ୍ଚାୟତ ପକ୍ଷରୁ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଛି। ବସ ଷ୍ଟାଣ୍ଡଠାରେ ଥିବା ଯାତ୍ରୀ ବିଶ୍ରାମାଗାର, ବିଜୟ ଉଚ୍ଚ ବିଦ୍ୟାଳୟ ସମ୍ମୁଖ, ଜନଗହଳି ପୂର୍ଣ୍ଣ ସ୍ଥାନ, ସରକାରୀ ଉପ୍ରା ବିଦ୍ୟାଳୟ ନିକଟରେ ପଞ୍ଚାୟତ ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ଜନ ଗହଳି ସ୍ଥାନ ଗୁଡ଼ିକରେ ଜଳ ଛତ୍ର ଖୋଲିବା ସହ ବାହାରୁ ଆସୁଥିବା ଲୋକଙ୍କ ସୁବିଧା ଦୃଷ୍ଟିରୁ ଏହାକୁ ଖୋଲା ଯାଇଥିବା ସରପଞ୍ଚ ଗୀତାଞ୍ଜଳୀ ନାୟକ କହିଛନ୍ତି। ଆଗକୁ ଆହୁରି ବିଭିନ୍ନ ସ୍ଥାନରେ ମଧ୍ୟ ଜଳଛତ୍ର ଖୋଲିବାକୁ ସ୍ଥିର ହୋଇଛି। ସରପଞ୍ଚଙ୍କ ସହ ୱାର୍ଡ ମେମ୍ବର ମିଟୁ ବିଶ୍ୱାଳ, ରାଜକିଶୋର ପରିଛା ସାନ ଦିଗାଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଯେଉଁ ୱାର୍ଡରେ ଜଳ ସମସ୍ୟା ରହିଛି ସେଠାରେ ମଧ୍ୟ ଟ୍ୟାଙ୍କରରେ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ସରପଞ୍ଚ କହିଛନ୍ତି।

# ପରିତ୍ୟକ୍ତ ଅବସ୍ଥାରେ ସୀତାସାଗର

ପାରଳାଖେମୁଣ୍ଡି, ୩।୪(ଗିରିଧାରୀ ପରିଛା):

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡି ସହରର ସୀତାସାଗର ପରିତକ୍ତ୍ୟ ଅବସ୍ଥାରେ ପଡ଼ିରହିଥିବା ବେଳେ ଏହାର ପାର୍ଶ୍ୱତଟ ବର୍ତ୍ତମାନ ମଦ୍ୟପମାନଙ୍କ ଏକ ପ୍ରମୁଖ ଆଡ୍ଡାସ୍ଥଳୀ ପାଲଟିଥିବା ଦେଖିବାକୁ ମିଳୁଛି। ଯେଉଁ ସୀତାସାଗର ଦିନେ ପାରଳାଖେମୁଣ୍ଡି ସହରର ଐତିହ୍ୟ ତଥା ସହର ଉପକଣ୍ଠସ୍ଥ ଜମିଗୁଡିକ ଜଳସେଚନ ପାଇଁ ମୁଖ୍ୟ ଉତ୍ସ ଥିଲା ବର୍ତ୍ତମାନ ଏହା ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଏହା ସହର ଉପକଣ୍ଠସ୍ଥ ନିକଞ୍ଚନ ଅଞ୍ଚଳ ହୋଇଥିବାରୁ ସନ୍ଧ୍ୟା ପରେ ଏହି ତଟରେ ଥିବା ପାହାଚ ଉପରେ ଅସାମାଜିକ ବ୍ୟକ୍ତିମାନେ ବସି ମଦ୍ୟପାନ କରୁଛନ୍ତି। ସମସ୍ତ ପ୍ରକାର ଅଳିଆ ଆବର୍ଜନା ତଟରେ ଏବଂ ସୀତା ସାଗରରେ ପକାଉଥିବା ଦେଖିବାକୁ ମିଳୁଛି। ବାରମ୍ବାର ଦାବି ସତ୍ତ୍ୱେ ଏହାର ପୁନଃରୁଦ୍ଧାର ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ମହାରାଜାଙ୍କ ଅମଳର ଏହି ପୁରାତନ ବଡ ପୋଖରୀ ପାରଳାଖେମୁଣ୍ଡି ସହରର ବହୁ ଐତିହ୍ୟ ବହନ କରୁଥିବାର ବିଭିନ୍ନ



ସୂଚନା ରହିଛି। ଏହାକୁ ଆଧାର କରି ବହୁ ମତ୍ସ୍ୟଜୀବୀ ତଥା କୃଷକ ନିଜର ଜୀବନ ଯାପନ ପରିପୋଷଣ କରୁଥିଲେ। ଦୀର୍ଘ ବର୍ଷ ଧରି ଏହି ସୀତାସାଗର ପୋଖରୀ ପୁତିଗନ୍ଧମୟ ସ୍ଥାନ ହୋଇ ପଡି ରହିଥିବା ବେଳେ ଏହାର କୌଣସି କାର୍ଯ୍ୟକାରିତା ହୋଇପାରୁ ନାହିଁ । ଗତ ୨୦୦୭ରେ ଏହି ପୋଖରୀ ସଫେଇ କାର୍ଯ୍ୟ ହେବା ପରେ ୨୦୧୨ ପର୍ଯ୍ୟନ୍ତ ଏହା କିଛିଟା କାର୍ଯ୍ୟକ୍ଷମ ହେଉଥିଲା। ପାରଳାଖେମୁଣ୍ଡି ସ୍ଥିତ ମତ୍ସଜୀବୀ ସମବାୟ ସମିତି ପ୍ରତି ବର୍ଷ ନିୟମ ଅନୁଯାୟୀ ଏହି ପୋଖରୀ ଲିଜ ନେଉଛି । ମାତ୍ର ଏହି ପୋଖରୀରୁ କୌଣସି ମାଛ ଉତ୍ପାଦନ ହେଇପାରୁ ନାହିଁ କିମ୍ବା ଏହି ପୋଖରୀ ସ୍ଥାନୀୟ ଅଞ୍ଚଳରେ କୌଣସି କାର୍ଯ୍ୟରେ ଆସିପାରୁ ନାହିଁ। ଏଥିପାଇଁ ବାରମ୍ବାର ମତ୍ସଜୀବୀମାନେ ପ୍ରଶାସନ ନିକଟରେ ଅଭିଯୋଗ ଜଣାଇଛନ୍ତି । ମତ୍ସଜୀବୀମାନେ ଏ ସମ୍ପର୍କରେ ରାଜ୍ୟସ୍ତରରେ ମଧ୍ୟ ଅଭିଯୋଗ ପୂର୍ବରୁ ଆଣିଥିବାର ସୂଚନା ରହିଛି । ମାତ୍ର ଏହାର କୌଣସି ସୁଫଳ ମିଳିନାହିଁ । ଅନ୍ୟପକ୍ଷରେ ଏହି ସୀତାସାଗର ପୁନରୁଦ୍ଧାର ନହେବା ଯୋଗୁଁ ଆବର୍ଜନା ଏବଂ ମାଟି ଦ୍ୱାରା ଏହା ଚାରିକଡ଼ରୁ ପୋତି ହୋଇ ଏହା ଧୀରେ ଧୀରେ ସଙ୍କୁଚିତ ହେବାରେ ଲାଗିଛି। ପୂର୍ବରୁ ସୀତା ସାଗରରେ ପାଣି ରହିବା ଯୋଗୁଁ ସେହି ଅଞ୍ଚଳରେ କୂଅ ଗୁଡିକରେ କେବେ ପାଣି ଶୁଖିବାରେ ନଜିର ନଥିଲା, କିନ୍ତୁ ବର୍ତ୍ତମାନ କିଛି ବର୍ଷ ହେଲା ସେହି ଅଞ୍ଚଳରେ ପାଣି ସମସ୍ୟା ଦେଖିବାକୁ ମିଳୁଛି।

## ସଂକ୍ଷେପରେ

### ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ଛତ୍ରପୁର, ୩।୪ (ଦିଲ୍ଲୀପ ସାମଲ): ଛତ୍ରପୁର ଓକିଲ ସଂଘର ନବନିର୍ବାଚିତ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ସାମନ୍ତରାୟ ନବନିର୍ବାଚିତ ସଂଘର ସଭାପତି ପ୍ରଦୀପ କୁମାର ପାଢ଼ୀ, ସମ୍ପାଦକ ସୁରେଶ ପଟ୍ଟନାୟକ, ଉପସଭାପତି ଚୈତନ୍ୟ ପ୍ରଧାନ, ଯୁଗ୍ମ ସମ୍ପାଦକ ସମୀର କୁମାର ପାଣିଗ୍ରାହୀ, ସହ ସମ୍ପାଦକ ଜିତୁନ କୁମାର ପାଢ଼ୀ, କୋଷାଧ୍ୟକ୍ଷ ସଞ୍ଜୟ କୁମାର ବେହେରା, ଲାଇବ୍ରେରୀ ସମ୍ପାଦକ ବିଶ୍ୱ ଭୂଷଣ ପାଢ଼ୀ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଭୈରବୀ କୁମାର ପଟ୍ଟନାୟକଙ୍କୁ ଶପଥ ପାଠ ଗ୍ରହଣ କରାଇଥିଲେ। ସଂଘର ନିର୍ବାଚନ ପରିଚାଳନା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଦେବେନ୍ଦ୍ର ମିଶ୍ର, ସହଯୋଗୀ ନିର୍ବାଚନ ଅଧିକାରୀ ଭାବେ ସନ୍ତୋଷ କୁମାର ସାହୁ ଓ ନରସିଂହ ପାଢ଼ୀ ସୁରୁଖୁରୁରେ ଦାୟିତ୍ୱ ପରିଚାଳନା କରିଥିବାରୁ ସଂଘର ସମସ୍ତ ସଦସ୍ୟମାନେ ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ।

### ଜବରଦଖଲ ଉଚ୍ଛେଦ ପାଇଁ ଦାବିପତ୍ର

ଧରାକୋଟ,୩।୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ) ଧରାକୋଟ ତହସିଲ ଅନ୍ତର୍ଗତ ବାହାରପୁର ପଞ୍ଚାୟତ କାଠଗଡା ଗ୍ରାମ ନିକଟରେ ଥିବା ମା' ତେଲିଆ ଠାକୁରାଣୀଙ୍କ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଦାବି ହୋଇଛି। ଖାତା ନଂ.୪, ପ୍ଲଟ ନଂ ୫୬୬ରେ ଥିବା ପ୍ରାୟ ୩ ଏକର ଠାକୁରାଣୀ ଜମିକୁ ୩ ଜଣ ବ୍ୟକ୍ତି ଜବରଦଖଲ କରି ରଖିଥିବା ଅଭିଯୋଗ କରି କାଠଗଡା ଗ୍ରାମର ପ୍ରାୟ ଶହେ ଜଣ ପୁରୁଷ ଓ ମହିଳା ବୁଧବାର ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି ଓ ଅତିରିକ୍ତ ତହସିଲଦାର ଗଣେଶ ଦଳେଇଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ରାଜସ୍ୱ ନିରୀକ୍ଷକ ଯଜ୍ଞ ନାରାୟଣ ନାୟକଙ୍କ ସହ ସମସ୍ତେ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ଦୃଷ୍ଟି ଆକର୍ଷଣ କରିବା ବେଳେ ଜବରଦଖଲ କରିଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ନୋଟିସ ପ୍ରଦାନ କରାଯିବା ସହ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

### ହନୁମାନଙ୍କ ପାଷାଣ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଛତ୍ରପୁର, ୩।୪(ଦିଲ୍ଲୀପ ସାମଲ): ଛତ୍ରପୁର ପୌର ପରିଷଦ ଅନ୍ତର୍ଗତ ୧୨ ନଂ ୱାର୍ଡ ରିକାପଲ୍ଲୀ (ଭଣ୍ଡାରୀସାହି ଓ ରେଢ୍ଡୀ ସାହି)ଠାରେ ଶ୍ରୀଶ୍ରୀ ବୀର ହନୁମାନଙ୍କ ପାଷାଣ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାମ ଯଜ୍ଞ, ଅନ୍ନ ଯଜ୍ଞ ଓ ଘୃତ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହା ସହ ୧୦୮ ହନୁମାନ ଚାଳିଶା ମଧ୍ୟ ପଠନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଓ ଛତ୍ରପୁର ପୌରପରିଷଦ ଉପାଧ୍ୟକ୍ଷ ଜି. ପାପା ରାଓଙ୍କ ସମେତ ବହୁ ଜନ ପ୍ରତିନିଧି ଯୋଗଦେଇଥିଲେ।

# ବିପଦପୂର୍ଣ୍ଣ ଜିଲା ଟ୍ରେଜେରି ଷ୍ଟ୍ରଙ୍ଗରୁମ୍

### ସ୍ୱତନ୍ତ୍ର ମରାମତି ଲାଗି ଚିଠି, ନୂତନ ନିର୍ମାଣ ପାଇଁ ଜମି ଚିହ୍ନଟ

ଛତ୍ରପୁର,୩।୪(ସନ୍ତୋଷ ପାଢ଼ୀ): ଛତ୍ରପୁରସ୍ଥିତ ଗଞ୍ଜାମ ଜିଲା ଟ୍ରେଜେରୀ ଅଫିସର ଷ୍ଟ୍ରଙ୍ଗରୁମ୍ ବିପଦପୂର୍ଣ୍ଣ ରହିଛି। ବର୍ଷା ହେଲେ ପାଣି ଗଳୁଛି। ଏଥିଲାଗି ଉକ୍ତ ଷ୍ଟ୍ରଙ୍ଗରୁମ୍‌ରେ ଥିବା ସରକାରୀ ସମ୍ପତି ପ୍ରତି ବିପଦ ରହିଛି। ଏହାର ସ୍ୱତନ୍ତ୍ର ମରାମତି କରି ସେଫ୍ଟି ସାର୍ଟିଫିକେଟ ପ୍ରଦାନ ପାଇଁ ବ୍ରହ୍ମପୁରସ୍ଥିତ ଆରଏଣ୍ଡବି-୨ର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜିଲା ଟ୍ରେଜେରୀ ଅଫିସର ଚିଠି ଲେଖିଥିବା ଜଣାପଡିଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏଠାରେ ନିର୍ବାଚନ ସମ୍ବନ୍ଧୀୟ କାଗଜପତ୍ର ଓ ସାମଗ୍ରୀ ରଖାଯିବ। ଏଣୁ ଟ୍ରେଜେରୀ ଷ୍ଟ୍ରଙ୍ଗରୁମ୍‌ର ସ୍ୱତନ୍ତ୍ର ମରାମତିର ଆବଶ୍ୟକତା ପଡିଛି । ଅପରପକ୍ଷରୁ ନୂତନ ଟ୍ରେଜେରୀ ଅଫିସ ସହ ଏହାର ଷ୍ଟ୍ରଙ୍ଗରୁମ୍ ନିର୍ମାଣ କରିବାକୁ ପରିକଳ୍ପନା ହୋଇଛି। ଏଥିଲାଗି ବର୍ତ୍ତମାନର ଥିବା ଟ୍ରେଜେରୀ ଅଫିସ ସମ୍ମୁଖ ଚାଣକ୍ୟପୁର ମୌଜାର ଖାତା ନଂ ୨୭୦ ଓ ପ୍ଲଟ ନଂ ୪୧୫ରେ ଥିବା ୦.୧୫୭ ଏକର ଜମି ଚିହ୍ନଟ ହୋଇଛି। ଜମି ସିଡ୍ୟୁଲ୍‌କୁ ଗଞ୍ଜାମ ଜିଲାପାଳ ଅନୁମୋଦନ କରିଥିବା ଜଣାପଡିଛି। ପୂର୍ବରୁ ଟିଡିସ ବଙ୍ଗଲୋ ନିକଟରେ ଏଥିପାଇଁ ଜମି ଚିହ୍ନଟ ହୋଇଥିଲା। ମାତ୍ର ସେଠାରେ କେତେକ ଜବରଦଖଲ ହୋଇଥିବାରୁ ସେଠାରେ ଏହା ନିର୍ମାଣ ପାଇଁ ସମ୍ଭବ ହୋଇନଥିଲା। ନୂତନ ଜିଲା ଟ୍ରେଜେରୀ ଅଫିସ ଓ ଷ୍ଟ୍ରଙ୍ଗରୁମ୍ ନିର୍ମାଣ ପାଇଁ ପ୍ଲାନ୍ ଓ ଏଷ୍ଟିମେଟ ଦେବାକୁ ବ୍ରହ୍ମପୁରସ୍ଥିତ ଆରଏଣ୍ଡବି-୨ର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜିଲା ଟ୍ରେଜେରୀ ଅଫିସର ଚିଠି କରିଛନ୍ତି। ସେଠାରେ ଗ୍ରାଉଣ୍ଡ ଫ୍ଲୋରରେ ଷ୍ଟ୍ରଙ୍ଗରୁମ୍, ଗାର୍ଡ ରୁମ୍, ପାଇଖାନା, ପାର୍କିଂ ସୁବିଧା, ପ୍ରଥମ ଫ୍ଲୋରରେ ପାଞ୍ଚଟି ଅଫିସ ଚ୍ୟାମ୍ବର, ୫ଟି ପାଇଖାନା ଏବଂ ଦ୍ୱିତୀୟ ଫ୍ଲୋରରେ ଗୋଟିଏ କନଫରେନ୍ସ ହଲ ସହ ୨ଟି ପାଇଖାନା ନିର୍ମାଣ କରାଯିବାକୁ ଯୋଜନା ହୋଇଛି।

# ବିଜେଡିରୁ ପୁଣି ପ୍ରାର୍ଥୀ ହେଲେ ମଞ୍ଜୁଳା ସ୍ୱାଇଁ


ମଞ୍ଜୁଳା ସ୍ୱାଇଁ

ଆସିକା, ୩।୪ (ସୁରେନ୍ଦ୍ର ନାଥ ସାହୁ): ଆସିକା ବିଧାନସଭା ନିର୍ବାଚନ ମଣ୍ଡଳିରେ ବିଜେଡିର ଦଳୀୟ ପ୍ରାର୍ଥିତ୍ୱକୁ ନେଇ ଗତ କିଛିଦିନ ହେଲା ଚାଲିଥିବା ହଇଚଇ ପରିସ୍ଥିତିର ଅବସାନ ଘଟିଛି। ବୁଧବାର ଦଳ ପକ୍ଷରୁ ଆସିକା ବିଧାନସଭା ଆସନରେ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କୁ ପୁନର୍ବାର ଦଳୀୟ ପ୍ରାର୍ଥୀ ଭାବେ ମୋହର ଲାଗିଛି। ଏହି ଖବର ପ୍ରଚାରିତ ହେବା ପରେ ବିଜେଡି କାର୍ଯ୍ୟାଳୟ ଓ କବିସୂର୍ଯ୍ୟନଗର ବ୍ଲକର ପଥରାସ୍ଥିତ ବିଧାୟିକାଙ୍କ ବାସଭବନରେ ଦଳିୟ କର୍ମୀ, ସମର୍ଥକ ଓ ଶୁଭେଚ୍ଛୁଙ୍କ ଭିଡ ଲାଗିଛି । ପୁନର୍ବାର ଏହି ଆସନରୁ ଦଳୀୟ ପ୍ରାର୍ଥୀ ଭାବେ ଚୟନ କରାଯାଇଥିବାରୁ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ବିଧାୟିକା କୃତଜ୍ଞତା ଜଣାଇଛନ୍ତି। ଆସିକା ବିଧାନସଭା ନିର୍ବାଚନ ମଣ୍ଡଳିର ବିଜୁ ଜନତା ଦଳର ଯୁବ, ଛାତ୍ର, ମହିଳା ଓ ବୟୋଜ୍ୟେଷ୍ଠ ଗୁରୁଜନମାନଙ୍କ ରହିଆସିଥିବା ଅତୁଟ ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତାକୁ ପାଥେୟ କରି ଏହି ନିର୍ବାଚନରେ ସେ ପୂର୍ବ ଅପେକ୍ଷା ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହେବେ ବୋଲି ବିଧାୟିକା ସ୍ୱାଇଁ ଆଶା ପୋଷଣ କରିଛନ୍ତି।

# ୪ ପୋଲିସ ଅଧିକାରୀଙ୍କୁ ଜାତୀୟ, ରାଜ୍ୟ ପୁରସ୍କାର


ଏସ୍‌ପିଙ୍କ ସହ ପୋଲିସ ଅଧିକାରୀ ।

ଛତ୍ରପୁର,୩।୪(ସନ୍ତୋଷ ପାଢ଼ୀ): ଗଞ୍ଜାମ ପୋଲିସ ଜିଲାରେ କାର୍ଯ୍ୟରତ ୪ ପୋଲିସ ଅଧିକାରୀଙ୍କୁ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ଜାତୀୟ ଓ ରାଜ୍ୟ ପୁରସ୍କାର ମିଳିଛି। ବୁଧବାର ଛତ୍ରପୁରସ୍ଥିତ ଗଞ୍ଜାମ ପୋଲିସ ମୁଖ୍ୟାଳୟଠାରେ ଏମାନଙ୍କୁ ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି । ସବଇନ୍ସପେକ୍ଟର ବିକାଶ ସେନାପତିଙ୍କୁ କେନ୍ଦ୍ର ଗୃହ ମନ୍ତ୍ରୀ ସ୍ପେଶାଲ ଅପରେସନ ମେଡାଲ ମିଳିଥିବା ବେଳେ ସବଇନ୍ସପେକ୍ଟର ରାମଚନ୍ଦ୍ର ମିଶ୍ରଙ୍କୁ ଡିଜିପି ଡିସ୍କ ଆୱାର୍ଡ ମିଳିଛି । ଡିଜିପି ଅରୁଣ କୁମାର ଷଡଙ୍ଗୀ ଏହି ଆୱାର୍ଡ ରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ସେହିପରି ଅତିରିକ୍ତ ସବଇନ୍ସପେକ୍ଟର ଅମୂଲ୍ୟ ରତ୍ନ ବୀରୋଙ୍କୁ ରାଜ୍ୟ ଓ ଜିଲାସ୍ତରୀୟ ଆୱାର୍ଡ ମିଳିଥିବାବେଳେ ଅତିରିକ୍ତ ସବଇନ୍ସପେକ୍ଟର ଶିବ ଶଙ୍କର ଶତପଥିଙ୍କୁ ଏନସିଆରବି ଅଧୀନ ସିସିଟିଏନ୍‌ଏସ୍ ଓ ଆଇସିଜେଏସ୍‌ରେ ଉଲ୍ଲେଖନୀୟ ଅବଦନ ପାଇଁ ପୁରସ୍କାର ମିଳିଛି।

### ସୋରଡ଼ା ନିର୍ବାଚନ ମଣ୍ଡଳୀ
## ଭାଜପାରୁ ନୀଳମଣି, ବିଜେଡିରୁ ସଂଘମିତ୍ରା ଓ କଂଗ୍ରେସରୁ ହରିକୃଷ୍ଣ

ବେଲଗୁଣ୍ଠା,୩।୪ (କୃଷ୍ଣଚନ୍ଦ୍ର ପଟ୍ଟନାୟକ): ସୋରଡ଼ା ବିଧାନସଭା ମଣ୍ଡଳୀ ପାଇଁ ବିଜେଡି ପୂର୍ବରୁ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସ୍ତ୍ରୀ ସଂଘମିତ୍ରା ସ୍ୱାଇଁଙ୍କ ନାମ ଘୋଷଣା କରିଥିବର ବେଳେ ଭାଜପା ଏବଂ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛନ୍ତି। ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଭାଜପା ଦ୍ୱିତୀୟ ଥର ପାଇଁ ନୀଳମଣି ବିଷୋୟୀଙ୍କ ଉପରେ ଆସ୍ଥା ପ୍ରକଟ କରି ତାଙ୍କ ନାମ ଘୋଷଣା କରିଛି । ନୀଳମଣି ପୂର୍ବରୁ ୨୦୦୯ରେ କଂଗ୍ରେସରୁ ଟିକେଟ ନ ପାଇ ସ୍ୱାଧୀନ ଭାବେ ଲଢ଼ିଥିଲେ। ପୁଣି ୨୦୧୪ରେ ନୀଳମଣିଙ୍କ ଗୋଟି ଚାଳନାରେ ତାଙ୍କ ଅନୁପସ୍ଥିତିରେ ତାଙ୍କ ସାନଭାଇ ବସନ୍ତ କୁମାର ବିଷୋୟୀ କଂଗ୍ରେସରୁ ଟିକେଟ ପାଇ ଶାସକ ବିଜେଡି ସହିତ କଡ଼ା ଟକ୍କର ଦେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ । ୨୦୧୯ ନିର୍ବାଚନ ପୂର୍ବରୁ ନୀଳମଣି ଭାଜପାରେ ଯୋଗଦେଇ ଦଳୀୟ ଟିକେଟ ପାଇବା ପରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସହିତ ପୁଣି ଏକ ଦମଦାର ଲଢ଼େଇ ଦେଖିବାକୁ ମିଳିଥିଲା। ନୀଳମଣିଙ୍କ ଭୋଟ ହାର ବଢ଼ିଥିଲେ ମଧ୍ୟ ସେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ବର୍ତ୍ତମାନ ବିଜେଡି ସଙ୍ଘମିତ୍ରାଙ୍କ ନାମ ଘୋଷଣା କରିଥିବା ବେଳେ ଭାଜପା ପୁଣି ଥରେ ନୀଳମଣିଙ୍କୁ ଟିକେଟ ଦେଇଛି। ଅନ୍ୟପଟେ କଂଗ୍ରେସ ପ୍ରଥମ ଥର ପାଇଁ ସୋରଡ଼ା ବ୍ଲକ କଂଗ୍ରେସ ସଭାପତି ହରିକୃଷ୍ଣ ରଥଙ୍କୁ ଟିକେଟ ପ୍ରଦାନ କରିଛି।

# ଖଲ୍ଲିକୋଟ ବାରରେ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥପାଠ



ଖଲ୍ଲିକୋଟ ବାରରେ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥପାଠ।

ଖଲ୍ଲିକୋଟ,୩।୪(ପ୍ରଶାନ୍ତ କୁମାର ମିଶ୍ର) ଖଲ୍ଲିକୋଟ କୋର୍ଟ ପରିସରରେ ବୁଧବାରେ ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ରୂପେ ଏଡିଜେ ଆଶୁତୋଷ ଦାଶ, ସବଜର୍ଜ ଜୟପ୍ରକାଶ ନାଏକ, ଜେଏମଏଫସି ପ୍ରଭାତୀ ରଣା ମଞ୍ଚାସିନ ଥିଲେ। ନବ ନିର୍ବାଚିତ ସଭାପତି ନିଳାମ୍ବର ଶତପଥି, ଉପସଭାପତି ରାଧାଶ୍ୟାମ ଦଳେଇ, ସମ୍ପାଦକ ଜୋତିଶ କୁମାର ନନ୍ଦ, ସେମିନାର ସମ୍ପାଦକ ରଞ୍ଜନ ସେଠୀ ପ୍ରମୁଖଙ୍କୁ ଓକିଲ ସଂଘ ନିର୍ବାଚନ ଦାୟିତ୍ୱରେ ଥିବା ବରିଷ୍ଠ ଆଇନଜୀବୀ ନିଖିଲ କୁମାର ପଟ୍ଟନାୟକ ଶପଥ ପାଠ କରାଇଥିଲେ। ପୂର୍ବତନ ବାର ସଭାପତି ରାଜେନ୍ଦ୍ର ପ୍ରସାଦ ରଥ ସୂଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଥିବାରୁ ନିର୍ବାଚନ ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ। ସେହିପରି ନବ ନିର୍ବାଚିତ ସଭାପତି ନିଜ ପ୍ରତିକ୍ରିୟାରେ ବାରର ସମସ୍ତ ଆଇନଜୀବୀଙ୍କୁ ଧନ୍ୟବାଦ ଦେବାସହ ବାରବେଞ୍ଚର ସମ୍ପର୍କ ବଜାୟ ରହିବା ସହ ବାରର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମ୍ପାଦକ ଜୋତିଶ ନନ୍ଦ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଆଇନଜୀବି ଉପସ୍ଥିତ ଥିଲେ।

# ରସାୟନ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା


ରସାୟନ ବିଜ୍ଞାନ ବିଭାଗ ସଭାରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

ଭଞ୍ଜନଗର,୩।୪(ବାବୁଲା ପ୍ରଧାନ): ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ବୁଧବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ପ୍ରଶାସନିକ ଅଧିକାରିଣୀ ପ୍ରାଧ୍ୟାପିକା ଆରତୀବାଳା ପ୍ରଧାନ, ବରିଷ୍ଠ ପ୍ରାଧ୍ୟାପକ ବିଭାସ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସ୍ମରଣିକା ପାଢ଼ୀ ସଭାକୁ ସଂଯୋଜନା କରିଥିଲେ। ଅଧ୍ୟାପକ ଅମିୟ ରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଫିଲିପ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟାପକ ଶରତ ବେହେରା, ରାଜେଶ କୁମାର ପଣ୍ଡିତ, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ବାନାର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେହିଭଳି ଦର୍ଶନ ଶାସ୍ତ୍ର ବିଭାଗ ପକ୍ଷରୁ ମଧ୍ୟ ଆଜି ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।

## ଭାଜପା ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ସମ୍ବର୍ଦ୍ଧନା

ଖଲ୍ଲିକୋଟ,୩।୪(ପ୍ରଶାନ୍ତ କୁମାର ମିଶ୍ର) ୨୦୨୪ ନିର୍ବାଚନରେ ଭାଜପାର ଖଲ୍ଲିକୋଟ ବିଧାନସଭା ପ୍ରାର୍ଥୀ ରୂପେ ୨୦୦୯ ଏବଂ ୨୦୧୪ ନିର୍ବାଚନରେ ବିଜୟୀ ହୋଇଥିବା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଟିକେଟ ଦିଆଯାଇଛି। ବୁଧବାର ଅପରାହ୍ନରେ ସେ ଖଲ୍ଲିକୋଟ ପହଞ୍ଚିବା କ୍ଷଣି ତାଙ୍କୁ ଶିଶୁ ପାର୍କ ନିକଟରେ ଭବ୍ୟ ସମ୍ବର୍ଦ୍ଧନା ଦେବା ସହ ବିରାଟ ଶୋଭାଯାତ୍ରାରେ ନିଆଯାଇଥିଲା। ହଠାତ ଅଟୋ ଦୁର୍ଘଟଣାରେ ୫ଜଣ ଯାତ୍ରୀ ଆହତ ହୋଇ ଖଲ୍ଲିକୋଟ ମେଡ଼ିକାଲରେ ଚିକିତ୍ସିତ ହେଉଥିବାର ଖବର ପାଇ ମେଡିକାଲରେ ପହଞ୍ଚି ଆହତଙ୍କ ଅବସ୍ଥା ପଚାରି ବୁଝିଥିଲେ । ପରେ ଭାଜପା ଦଳୀୟ କର୍ମୀ ଓ ନେତାଙ୍କ ସହ ଖଲ୍ଲିକୋଟ ଜଗନ୍ନାଥ ମନ୍ଦିର ଏବଂ ଦେବୀ ବାହୁଡୀ ମନ୍ଦିର ଯାଇ ଦର୍ଶନ କରିଥିଲେ। ନିଜ ପ୍ରତିକ୍ରିୟାରେ ଭାଜପାର ରାଜ୍ୟ ଓ କେନ୍ଦ୍ର ନେତା ତାଙ୍କରି ଉପରେ ଭରସା ରଖିଥିବାରୁ ଧନ୍ୟବାଦ ଦେଇଥିଲେ।

# ରାମଗଡ଼ରେ ଦଧିବାମନ ମନ୍ଦିର ପ୍ରତିଷ୍ଠା

ବୁଗୁଡ଼ା,୩।୪(କାଳିଚରଣ ଦାଶ) ବୁଗୁଡ଼ା ବ୍ଲକ ପୋଚାଲୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ରାମଗଡ ଗ୍ରାମରେ ଶ୍ରୀ ଶ୍ରୀ ଦଧିବାମନ ମନ୍ଦିର ପ୍ରତିଷ୍ଠା ଓ ନୂତନ ବିଗ୍ରହ ସ୍ଥାପନ ମହୋତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମହୋତ୍ସବ ଅବସରରେ ପ୍ରଥମ ଦିନ ଜଳଯାତ୍ରା, ଦୀକ୍ଷା ଗ୍ରହଣ, ବନଯାଗ, ଅଙ୍କୁରାରୋପଣ ଓ ମଣ୍ଡଳାଧିବାସ ଆଦି କାର୍ଯ୍ୟକ୍ରମ ଏବଂ ଦ୍ୱିତୀୟ ଦିବସରେ ଶାଳା ପ୍ରତିଷ୍ଠା, ରତ୍ନମୁଦ, ଘୃତଯଜ୍ଞ, ନାମଯଜ୍ଞ ଓ ଅନ୍ନଯଜ୍ଞ ଆରମ୍ଭ ହୋଇଥିଲା ବେଳେ ତୃତୀୟ ଦିନ ବିଗ୍ରହଙ୍କ ମହାସ୍ନାନ ଓ ଜୀବନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଚତୁର୍ଥ ଦିନରେ ନଗର ପରିକ୍ରମା, ଦଧିବାମନ ଠାକୁରଙ୍କ ସିଂହାସନ ଆରୋହଣ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ଅନ୍ତିମ ଦିବସରେ ଦଧିଭାଣ୍ଡ ଭଞ୍ଜନ ସହ ନାମ ସମାପନ ହୋଇଥିଲା। ନାମଯଜ୍ଞରେ ଚିଲିଖମା, ବଗାଡି, କତକଳା, ଜିରାବାଡି ଓ ରାମଗଡ ଗ୍ରାମର ନାମ ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ। ଘୃତଯଜ୍ଞ ସମ୍ପାଦନ କାର୍ଯ୍ୟରେ ନୀଳମାଧବ ରଥଙ୍କ ସମେତ ୧୨ ଜଣ ପୁରୋହିତ ନିୟୋଜିତ ରହିଥିଲା ବେଳେ ମୁଖ୍ୟ କର୍ତ୍ତା ଭାବେ ବିଜୁଳି ଜେନା ଦାୟିତ୍ୱ ନିର୍ବାହ କରିଥିଲେ। ଉକ୍ତ ମହୋତ୍ସବରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା ବେଳେ ପରିଚାଳନା କମିଟି ଏବଂ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ଦେଖିବାକୁ ମିଳିଥିଲା।

# ରେଳ ଧାରଣାରୁ ମହିଳାଙ୍କ ମୃତଦେହ ଜବତ

ବ୍ରହ୍ମପୁର,୩।୪(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ସରକାରୀ ରେଳବାଇ ଥାନା(ଜିଆରପି) ଅନ୍ତର୍ଗତ ଛତ୍ରପୁର ନିକଟ ରେଳ ଧାରଣାରୁ ଜଣେ ବିବାହିତା ମହିଳାଙ୍କ ମୃତଦେହ ବୁଧବାର ଜବତ ହୋଇଛି । ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ବଟେଶ୍ୱର ଗ୍ରାମର ଆଲୋକ ସାସମଲଙ୍କ ସ୍ତ୍ରୀ ସୁନୀତା ସାସମଲ(୨୬)। ମଙ୍ଗଳାବର ରାତିରେ ସେ ଟ୍ରେନ ସମ୍ମୁଖକୁ ଆସି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତ ପରେ କହିଛି। ମୃତଦେହ ନିକଟରେ ପଡିଥିବା ୨ଟି ଆଧାର କାର୍ଡରୁ ସୁନୀତାଙ୍କ ପରିଚୟ ମିଳିଥିଲା। ଏମକେସିଜି ମେଡିକାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୁନୀତାଙ୍କ ସ୍ୱାମୀ ଆଲୋକ ବିଦେଶରେ ରହି କାମ କରୁଥିଲେ । ସୁନୀତା ନିଜ ୩ ବର୍ଷର ଝିଅ ସହ ଶ୍ୱଶୁର ଘରେ ରହୁଥିଲେ। କିଛି ଦିନ ତଳେ ଆଲୋକ ଘରକୁ ଆସିଥିଲେ । ମଙ୍ଗଳବାର ଉଭୟ ସ୍କୁଟି ଯୋଗେ ବାଣପୁର ଆସିବା ପରେ ସେଠାରୁ ସୁନୀତା ସ୍କୁଟି ନେଇ ବାଲୁଗାଁ ଯାଏଁ ଚାଲି ଆସିଥିଲେ । ବାଲୁଗାଁରୁ ଟ୍ରେନରେ ଛତ୍ରପୁର ଆସିଥିଲେ। ରାତି ୧୦ଟାରେ ସେ ଚଳନ୍ତା ଟ୍ରେନ ସମ୍ମୁଖକୁ ଆସି ଆତ୍ମହତ୍ୟା କରିଥିବା ଯାତ୍ରୀମାନେ ଦେଖିଥିବା ପୋଲିସ କହିଛି। ସେହିପରି ସୁନୀତାଙ୍କ ନିଖୋଜ ଖବର ନେଇ ତାଙ୍କ ପରିବାର ପକ୍ଷରୁ ବାଣପୁର ଥାନାରେ ଅଭିଯୋଗ ହୋଇଥିବା ଜିଆରପି ଭାରପ୍ରାପ୍ତ ଥାନା ଅଧିକାରୀ ବିକାଶ ପଲେଇ କହିଛନ୍ତି।

# ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ଓ ପ୍ରାଣୀ ବିଜ୍ଞାନ ବିଭାଗ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ


ଏମ୍‌ଓୟୁ ସ୍ୱାକ୍ଷର ବେଳେ ଉପସ୍ଥିତ ଅଧିକାରୀମାନେ।

ବ୍ରହ୍ମପୁର,୩।୪(ତନୁଶ୍ରୀ ନାହାକ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ଓ ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ ମଧ୍ୟରେ ବୁଧବାର ଗୋପାଳପୁର ସ୍ଥିତ ଇ.ବି.ଆର.ସି.ଜେଡ଼.ଏସ.ଆଇ କାର୍ଯ୍ୟାଳୟ ଠାରେ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଜଂଳି ଦାସ ଓ ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ ନିର୍ଦ୍ଦେଶିକା ଡ଼.ଧ୍ରିତି ବେନାର୍ଜୀଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହାଦ୍ୱାରା ଉଭୟ ଅନୁଷ୍ଠାନ ମଧ୍ୟରେ ଜ୍ଞାନର ଆଦାନ ପ୍ରଦାନ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ନୂତନ ଗବେଷଣା ଭିତ୍ତିକ ତଥ୍ୟ ଉପସ୍ଥାପନା ଓ ଅଧିକା ଗବେଷଣା ନିମନ୍ତେ ଉଭୟ କେନ୍ଦ୍ର କର୍ମଚାରୀ ଓ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ। ସେହିପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବହୁ ପାଠଚକ୍ର ଅନୁଷ୍ଠିତ ହୋଇପାରିବ । ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନି ବିଭାଗର ଡ଼.ଜୟ କିଶୋର ସେଠ, ଡ଼.ତପନ କୁମାର ବାରିକ, ଡ଼. ଲକ୍ଷ୍ମୀଧର ରାଉତଙ୍କ ସମେତ ଇ.ବି.ଆର.ସି.ଜେଡ଼.ଏସ.ଆଇ କେନ୍ଦ୍ରର ବୈଜ୍ଞାନିକ ଡ଼.କେ.ଗୋକୁଲ, ଡ଼. ସୁମନଙ୍କ ସମେତ ଅଧିକାରୀ ଡ଼.ଅନିଲ ମହାପାତ୍ର ଉପସ୍ଥିତ ଥିଲେ।

## ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ଗୋଦାମରୁ ଚୋରି

ବ୍ରହ୍ମପୁର,୩।୪(ସୁବାସ ଚନ୍ଦ୍ର ପାଢ଼ୀ) ଗଞ୍ଜାମ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ବ୍ରହ୍ମପୁରସ୍ଥିତ କାର୍ଯ୍ୟାଳୟ ପରିସରରେ ଥିବା ଗୋଦାମରୁ ୬୫ କ୍ରାୟୋକେନ (ଲିକ୍ୟୁଡ଼ ନାଇଟ୍ରୋଜେନ କଣ୍ଟେନର) ଚୋରି ହୋଇଛି। ଦୁର୍ବୃତ୍ତମାନେ ମଙ୍ଗଳବାର ରାତିରେ ଗୋଦାମର ତାଲା ଭାଙ୍ଗି ଚୋରି କରିଥିବା ବୁଧବାର ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ମନୋଜ କୁମାର ସାହୁ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ବଙ୍ଗାଳିସାହିସ୍ଥିତ ଏହି କାର୍ଯ୍ୟାଳୟ ପରିସରରେ ଔଷଧ ଏବଂ ଇଞ୍ଜେକସନ ରଖିବାକୁ ଏକ ଗୋଦାମ ରହିଛି। ସେଠାରେ ପୂର୍ବରୁ ବ୍ୟବହୃତ ବହୁ ପରିମାଣର କ୍ରାୟୋକେନ ରଖାଯାଇଥିଲା । ସେଗୁଡ଼ିକ ପ୍ରାଣୀ ବିଭାଗ ପକ୍ଷରୁ ନଷ୍ଟ କରାଯିବ ବୋଲି ଯୋଜନା ଥିଲା। ହେଲେ ଏହା ପୂର୍ବରୁ ଦୁର୍ବୃତ୍ତମାନେ ଚୋରାଇ ନେଇଛନ୍ତି। ଉକ୍ତ କାର୍ଯ୍ୟାଳୟରେ ପ୍ରାଣୀଧନ ନିରୀକ୍ଷକ ଭାବେ କାର୍ଯ୍ୟ କରୁଥିବା ସୁଶାନ୍ତ ପାଣିଗ୍ରାହୀ ଏ ସଂକ୍ରାନ୍ତରେ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଜଣାଇବା ପରେ ସେ ଥାନାରେ ଏତଲା ଦେଇଥିଲେ।

# ପାଲଙ୍ଗରୁ ବିଜେଡିର ନିର୍ବାଚନୀ ସଭା ଆରମ୍ଭ

### ଛତ୍ରପୁର ନିର୍ବାଚନମଣ୍ଡଳୀ


ବିଜେଡିର ନିର୍ବାଚନୀ ସଭାରେ ବିଧାୟକ ଓ ଅନ୍ୟ ନେତୃବୃନ୍ଦ।

ଗଞ୍ଜାମ,୩।୪(ବିଦ୍ୟାଧର ସାହୁ): ଆସନ୍ତା ମେ' ୧୩ରେ ସାଧାରଣ ନିର୍ବାଚନ। ଏଥିପାଇଁ ବିଭିନ୍ନ ରାଜନୈତିକ ଦଳର ରଣନୀତି ଆରମ୍ଭ ହେଲାଣି। ଛତ୍ରପୁର ନିର୍ବାଚନ ମଣ୍ଡଳୀର ଗଞ୍ଜାମ ବ୍ଲକ ପାଲଙ୍ଗ ପଞ୍ଚାୟତରୁ ବିଜେଡି ଆରମ୍ଭ କରିଛି ନିର୍ବାଚନୀ ସଭା। ଏଥିସହ ପ୍ରଚାର ମଧ୍ୟ ଆରମ୍ଭ ହୋଇଛି। ପାଲଙ୍ଗ ପଞ୍ଚାୟତରେ ବହୁ ବିଜେଡି କର୍ମୀଙ୍କୁ ନେଇ ଗଞ୍ଜାମ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନଙ୍କ ସଭାପତିତ୍ୱରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ନିର୍ବାଚନରେ ଛତ୍ରପୁରର ବିଜେଡି ପ୍ରାର୍ଥି ସୁବାସ ଚନ୍ଦ୍ର ବେହେରାଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିପୁଳ ଭୋଟରେ ବିଜୟୀ କରିବାକୁ କର୍ମୀଙ୍କୁ ଆହ୍ୱାନ ଦିଆଯାଇଥିଲା। ଗତ ନିର୍ବାଚନ ଅପେକ୍ଷା ଚଳିତ ବର୍ଷ ଦୁଇଗୁଣା ଅଧିକ ଭୋଟ ବ୍ୟବଧାନରେ ବିଜୟୀ କରିବା ପାଇଁ ପର୍ଯ୍ୟବେକ୍ଷକ ନାରାୟଣ ଜେନା ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ଉପରେ ଆଲୋକପାତ କରିବା ସହ ବିଭିନ୍ନ ଜନହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ବିଧାୟକ ବେହେରା ଆହ୍ୱାନ ଦେଇଥିଲେ। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, ପୂର୍ବତନ ସମିତି ମେମ୍ବର କୈଳାଶ ସ୍ୱାଇଁ, ସରପଞ୍ଚ ପ୍ରତିନିଧି ସୁଦାମ ବେହେରାଙ୍କ ସମେତ ରମ୍ଭା ଅଞ୍ଚଳର ନେତା କର୍ମୀ ଉପସ୍ଥିତ ଥିଲେ।

